# ଓଡ଼ିଶୀ ନୃତ୍ୟ ସମ୍ଭାରରେ ମୁକ୍ତେଶ୍ବର ନୃତ୍ୟ ଉତ୍ସବ ଉଦ୍ ଘାଟିତ

**ଭୁବନେଶ୍ବର - ତା ୧୪.୦୧.୨୦୧୭** - ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ବାରା ଆୟୋଜିତ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ବାରା ସଂଯୋଜିତ ତିନିଦିନ ଧରି ହେବାକୁ ଥିବା ମୁକ୍ତେଶ୍ବର ନୃତ୍ୟ ଉତ୍ସବ ଦଶମ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ମୁକ୍ତେଶ୍ବର ମନ୍ଦିର ପ୍ରାଙ୍ଗଣରେ ଅତିଥିମାନଙ୍କ ଗହଣରେ ଶୁଭ ଉଦ୍ ଘାଟନ ହୋଇଥିଲା । ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା କୃଷ୍ଣଚନ୍ଦ୍ର ରାଏ ଓ ସାଥୀଙ୍କ ଦ୍ବାରା ଶିବ ବନ୍ଦନାରୁ । ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ଓଡ଼ିଶୀ ନୃତ୍ୟ ଶିଳ୍ପୀ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନା ଓଡ଼ିଶୀ ନୃତ୍ୟ ଗୁରୁ ସୁଜାତା ମହାପାତ୍ରଙ୍କ ଏକକ ଓଡ଼ିଶୀ ନୃତ୍ୟ । ରାମାୟଣରୁ ଉଦ୍ଧୃତ କିଛି ଅଂଶକୁ ସେ ତାଙ୍କର ନୃତ୍ୟ ମାଧ୍ୟମରେ ଅତି ଚମତ୍କାର ଭାବରେ ପରିବେଷଣ କରିଥିଲେ । ପରେ ପରେ ଓଡ଼ିଶୀ ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ପବିତ୍ର ପ୍ରଧାନ ଓ ଶ୍ରୀଦତ୍ତ ଭୋଳଙ୍କ ଦ୍ବାରା ରାଧା ବନ୍ଦନା ଓ ପ୍ରକୃତି ପୁରୁଷ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଉଦ୍ ଘାଟନୀ ସଂନ୍ଧ୍ୟାର ଶେଷ ପରିବେଷଣ ଥିଲା ଦିଲ୍ଲୀରୁ ଆସିଥିବା ନାଟ୍ୟ ବାଲେଟ ସେଣ୍ଟର ଦ୍ବାରା ଦଳଗତ ଓଡ଼ିଶୀ ନୃତ୍ୟ । ସେମାନେ ଶ୍ରୀକୃଷ୍ଣଙ୍କ ପ୍ରେମ ଓ ଲୀଳାକୁ ତାଙ୍କର ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ । ଗୁରୁ ଅନିରୁଦ୍ଧ ଦାସ, ନିବେଦିତା ମହାପାତ୍ର ଓ ସାଥୀଙ୍କ ଦ୍ବାରା ପରିବେଷିତ ଦଳଗତ ନୃତ୍ୟକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ ।

ଆଜି ସଂନ୍ଧ୍ୟାର ଅତିଥି ଭାବରେ ଯୋଗଦେଇଥିଲେ ଶ୍ରୀମତୀ ଉମା ଶରନ, ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଆରତୀ ଆହୁଜା, ସଂସ୍କୃତି ବିଭାଗର ଶାସନ ସଚିବ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏବଂ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ନିତୀନ ଭାନୁଦାସ ଜାୱଲେ ।